କାଳିଦାସ, ସନ୍ଥ ସମ୍ରାଟ ଭର୍ତ୍ତୃହରିଙ୍କ ନାମ ଏଇ ମାଟି ସହିତ ଜଡ଼ିତ ।

ଭାରତୀୟ କବିତା କ୍ଷେତ୍ରରେ 'ଜାତୀୟ କବୀର ସମ୍ମାନ' ପ୍ରଦାନ କରିଆସୁଥିବା କାରଣରୁ ମୁଁ ମଧ୍ୟପ୍ରଦେଶ ସରକାରଙ୍କୁ ବଧାଇ ଜଣାଉଛି । ଏହି ସମ୍ମାନ ସନ୍ଥ କବୀରଙ୍କ ବୈଚାରିକ ପରମ୍ପରାକୁ ଆଗେଇ ନେଉଥିବା କବିମାନଙ୍କୁ ହିଁ ପ୍ରୋତ୍ସାହିତ କରିଥାଏ । ମୁଁ ଏହି ଅବସରରେ ପୁରସ୍କୃତ ହେଉଥିବା ଚାରିଜଣ କବିଙ୍କୁ ଶୁଭେଚ୍ଛା ଜଣାଉଛି ଏବଂ ଭାରତୀୟ କବିତା କ୍ଷେତ୍ରରେ ସେମାନଙ୍କର ଅବଦାନ ପାଇଁ ପ୍ରଶଂସା କରୁଛି । ଏକ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରିଥିବା ଓ ପାଳିତ ହୋଇଥିବା ସନ୍ଥ କବୀର ଅନ୍ୟାୟର ଓ ଆଡ଼ମ୍ବରର ଥିଲେ ଘୋର ବିରୋଧୀ ଏବଂ ସେ ସଦାବେଳେ ସମାନତା ଓ ସରଳତା ଉପରେ ଆଧାରିତ ସମାଜକୁ ଗୁରୁତ୍ୱ ଦେଉଥିଲେ । ସଦ୍‌ଗୁରୁ କବୀର ଯେତିକି ବଡ଼ ସନ୍ଥ ଥିଲେ, ସେ ମଧ୍ୟ ସେତିକି ବଡ଼ ସମାଜ ସଂସ୍କାରକ ଥିଲେ । ଜଣେ ସନ୍ଥ ଭାବେ ତାଙ୍କର ଉଚ୍ଚତା ଏତେ ଅଧିକ ଥିଲା ଯେ ତାହା ପ୍ରତ୍ୟକ୍ଷ କରାଯାଇପାରିବ ଗୁରୁ ନାନକଙ୍କ ବାଣୀ ଓ ପ୍ରବଚନରୁ । ଏହି ମହାନ୍ ସନ୍ଥଙ୍କର ମଧ୍ୟପ୍ରଦେଶ ସହିତ ଗଭୀର ସମ୍ପର୍କ ଥିଲା । ବାନ୍ଧବଗଡ଼ ଠାରେ ସେ ବେଶ୍ ଦୀର୍ଘକାଳ ଅବସ୍ଥାନ କରିଥିଲେ । କବୀର ପନ୍ଥା ଏହି ବାନ୍ଧବଗଡ଼ରେ ତାଙ୍କର ପ୍ରିୟ ଶିଷ୍ୟ ଧର୍ମଦାସଜୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା । ଏଠାକାର ବିଶିଷ୍ଟ ସଙ୍ଗୀତ ସାଧକ କୁମାର ଗନ୍ଧର୍ବ ସନ୍ଥ କବୀରଙ୍କ ଭଜନକୁ ଏକ ଅଭିନବ ଢଙ୍ଗରେ ସ୍ୱର ଦେଇଛନ୍ତି ।

ଜଣେ ମହାନ୍ ଦାର୍ଶନିକ ହେବା ସହିତ ସନ୍ଥ କବୀର ଜଣେ ନିର୍ଭୀକ ସମାଜ ସଂସ୍କାରକ ଥିଲେ । ସମାଜରେ ପ୍ରଚଳିତ ଥିବା କୁସଂସ୍କାର, କୁପ୍ରଥା, ଭେଦଭାବ, ଅସମାନତା, ଆଡ଼ମ୍ବରପୂର୍ଣ୍ଣ ଅର୍ଥହୀନ ଅହଂକାର ପ୍ରତି ସେ କଠୋର ଥିଲେ ଏବଂ ସମାଜରୁ ଏସବୁର ମୂଳୋତ୍ପାଟନ ପାଇଁ ଯତ୍ନଶୀଳ ଥିଲେ । ସେ ଆମକୁ ସମାନତା ଓ ସମରସତ୍ତାର ଯେଉଁ ମାର୍ଗ ଦେଖାଇ ଯାଇଛନ୍ତି ତାହାହିଁ ଆମ ସମାଜକୁ ପ୍ରକୃତ ଦିଶା ଦେଖାଇ ଦେବାର ରାହା । ସନ୍ଥ କବୀରଙ୍କ ଶିକ୍ଷା ସମାଜ ପାଇଁ ସଞ୍ଜୀବନୀ ସଦୃଶ୍ୟ । ତାଙ୍କ ଅନୁସାରେ ସମାଜର କଲ୍ୟାଣ ସରଳତା ଓ ସହଜପଣରେ ରହିଛି । ସେ ସମାଜରୁ ଅନ୍ଧବିଶ୍ୱାସରୁ ମୁକ୍ତ କରିବା ପାଇଁ ସ୍ୱୟଂ ଉଦାହରଣଟିଏ ହେବାପାଇଁ ନିଜକୁ ପ୍ରସ୍ତୁତ କରିଥିଲେ । ଏପରି କୁହାଯାଏ ଯେ କାଶୀରେ ମୃତ୍ୟୁ ଲଭୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୋକ୍ଷ ପ୍ରାପ୍ତି ହୋଇଥାଏ । ସନ୍ଥ କବୀର ଏପରି ଲୋକ ବିଶ୍ୱାସକୁ ଦୂରୀଭୂତ କରିବା ପାଇଁ ସ୍ଥିର କରିଥିଲେ ଏବଂ ଏଥି ସକାଶେ ସେ କାଶୀରେ ମୃତ୍ୟୁବରଣ କରିବେ ନାହିଁ ବୋଲି ମଧ ସ୍ଥିର କରିଥିଲେ । ଏଣୁ ସେ ଜୀବନର ଶେଷକାଳରେ କାଶୀ ପରିତ୍ୟାଗ କରି ମଗହରକୁ ଚାଲିଯାଇଥିଲେ । ସମାଜରେ ବ୍ୟାପ୍ତ ଅନ୍ଧବିଶ୍ୱାସ ଓ ଅନ୍ୟାୟକୁ ସାହସର ସହିତ ସମାପ୍ତ କରିବା ପାଇଁ ପ୍ରୟାସ କରିଥିଲେ । ସେ କହୁଥିଲେ, ନିର୍ଭୀକତା ହିଁ ପ୍ରକୃତ ଅର୍ଥରେ ଆଧୁନିକତା ।

ସନ୍ଥ କବୀର ଖୁବ୍ ଗଭୀର ଅର୍ଥରେ ଅସହାୟ ଓ ଦୁର୍ବଳ ଲୋକମାନଙ୍କର ପକ୍ଷଧର ଥିଲେ ଏବଂ ନିର୍ବଳର ଶକ୍ତି ସମ୍ପର୍କରେ ପରିଚିତ ମଧ ଥିଲେ । ସେ ଭାବୁଥିଲେ ଯେ ସମାଜରେ ବଳଶାଳୀ ବ୍ୟକ୍ତିମାନେ ନିର୍ବଳ ଲୋକମାନଙ୍କ ଉପରେ ଅତ୍ୟାଚାର ନ କରନ୍ତୁ କାରଣ ତାହା ସମାଜର ହିତ ସାଧନ କରିବ ନାହିଁ । ଏଣୁ ସେ କହିଥିଲେ - ନିର୍ବଳ କୋ ନ ସତାଇଏ, ଜାକି ମୋଟୀ ହାୟ / ମୁଇ ଖାଲ କି ସାଁସ ସୌ, ଲୌହ ଭସମ ହୋଇ ଜାୟ ।

*ଏହି ସମ୍ମାନଜନକ ଜାତୀୟ କବିତା ପୁରସ୍କାର ପ୍ରାପ୍ତି ଅବସରରେ ଏହି ବିଶିଷ୍ଟ କବିଙ୍କୁ 'ନନ୍ଦିକା' ପରିବାର ତରଫରୁ ସଶ୍ରଦ୍ଧ ଅଭିନନ୍ଦନ ଜଣାଇ ଡ. ଶତ୍ରୁଘ୍ନ ପାଣ୍ଡବଙ୍କ ଦ୍ୱାରା ସମ୍ପାଦିତ 'ଡ. ପ୍ରତିଭା ଶତପଥୀଙ୍କ ନିର୍ବାଚିତ କବିତା' ପୁସ୍ତକରୁ ଦୁଇଟି ମନୋଜ୍ଞ କବିତା ପାଠକ ପାଠିକାମାନଙ୍କ ପାଇଁ ଏଠାରେ ଉପସ୍ଥାପନ କରୁଛୁ ।*

## ଠିକ୍ ମାଟି ପରି

ମୁଁ ବି ଠିକ୍ ତୋ'ରି ପରି ।
ତୋ'ରି ପରି, ମାଟି,
ସତ କହୁଚି, ତୋ'ରି ପରି ଠିକ୍ ।

ଦେଖୁ ନାହୁଁ
ଦ୍ୱେଷର, ନିର୍ମମତାର ଡହଡ଼ହ ଉତ୍ତାପରେ
ମୋ ଅନ୍ତର କେଉଁ ପରି ଚିରୁଡ଼ା ଚିରୁଡ଼ା
ହୋଇ
ଫାଟିଚି, ଆଁ କରିଚି
ଦେଖୁନୁ, ତୋରି ପରି
ଶସ୍ୟରେ ରସରେ
ସଗୁଣ ସଶରୀର ମୁଁ
ବିଚ୍ଛୁରିତ ହୋଇଅଛି ଅନେକ ଭିତରେ ।

ସକଳ ପ୍ରତିଘାତ ହିଁ ପ୍ରାପ୍ୟ ମୋର
ବିନା ଦୋଷରେ ।

ତଥାପି ବି
ନିୟମିତ ହସୁଚି, ସାଜି ହଉଚି
ଠିକ୍ ତୋ'ରି ପରି
ସଞ୍ଜେ ଫୁଟି ସକାଳକୁ ଖସିପଡୁଥିବା
ନୂଆ ନୂଆ ରଙ୍ଗରେ, ଗନ୍ଧରେ । ■



## ଯେ କୌଣସି ପାଣିରେ ନୁହେଁ

ଯେ କୌଣସି ପାଣିରେ
ଯଦି ମେଣ୍ଟି ଯାଉଥାନ୍ତା ଶୋଷ
ତା'ହେଲେ, ଶୋଷ ନ ଥା'ନ୍ତା ।
ଏତେ ନଦୀ, ତଡ଼ାଗ ଥାଉଁ ଥାଉଁ
ଟୋପାଏ ବର୍ଷାର ସ୍ୱଚ୍ଛତାକୁ
କାହିଁକି ଅନେଇ ବସିଥାନ୍ତା ଚାତକ ?

ଏମିତିରେ
କ'ଣ ନାହିଁରେ ମୋର ?
ଅୟସ, ବୟସ, ସନ୍ତାନ, ସଂସାର
ତଥାପି କେଉଁ ମହାନାଦର ରଣନ
କେଉଁ ସନ୍ଧ୍ୟାତାରାର କଙ୍କଣ
ମୋର କାମ୍ୟ ? ■